# 4th India-New Zealand Foreign Ministry Consultations

June 23, 2022

## ଭାରତ-ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ଚତୁର୍ଥ ବୈଦେଶିକ ମନ୍ତ୍ରଣାଳୟସ୍ତରୀୟ ବିଚାର ବିମର୍ଷ

**ଜୁନ 23, 2022**

ଭାରତ ଏବଂ ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ଚତୁର୍ଥ ବୈଦେଶିକ ମନ୍ତ୍ରଣାଳୟସ୍ତରୀୟ ବିଚାର ବିମର୍ଷ 23 ଜୁନ 2022 ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସଚିବ (ପୂର୍ବାଞ୍ଚଳ) ଶ୍ରୀ ସୌରଭ କୁମାର ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ନେଇଥିବାବେଳେ ନ୍ୟୁଜିଲ୍ୟାଣ୍ଡ ପକ୍ଷରୁ ବୈଦେଶିକ ବ୍ୟାପାର ଓ ବାଣିଜ୍ୟ ମନ୍ତ୍ରଣାଳୟ ଅନ୍ତର୍ଗତ ଆମେରିକା ଓ ଏସିଆ ଗ୍ରୁପର ଉପସଚିବ ଶ୍ରୀ ମାର୍କ ସିନକ୍ଲେୟାର ନ୍ୟୁଜିଲ୍ୟାଣ୍ଡ ପ୍ରତିନିଧି ଦଳର ନେତୃତ୍ୱ ନେଇଥିଲେ।

2. ବାଣିଜ୍ୟ ଓ ପୁଞ୍ଜି ବିନିଯୋଗ, ପ୍ରତିରକ୍ଷା ଓ ନିରାପତ୍ତା, ଲୋକମାନଙ୍କ ମଧ୍ୟରେ ସମ୍ପର୍କ, ଆତଙ୍କବାଦର ମୁକାବିଲା, ସାଇବର ସୁରକ୍ଷା ଏବଂ ନିରସ୍ତ୍ରୀକରଣ ସମେତ ଉଷ୍ମ ଓ ବନ୍ଧୁତ୍ୱପୂର୍ଣ୍ଣ ଦ୍ୱିପାକ୍ଷିକ ସମ୍ପର୍କର ସମୀକ୍ଷା କରି ଉଭୟ ପକ୍ଷ ଦୁଇ ଦେଶ ମଧ୍ୟରେ ଆଦାନ ପ୍ରଦାନକୁ ଆହୁରି ବଢାଇବା ଏବଂ ବିଭିନ୍ନ କ୍ଷେତ୍ରରେ ସମ୍ପର୍କକୁ ଆହୁରି ଗଭୀର କରିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ।

3. ପାରସ୍ପରିକ ସ୍ୱାର୍ଥର ସମସାମୟିକ ଆଞ୍ଚଳିକ ଓ ଆନ୍ତର୍ଜାତିକ ପ୍ରସଙ୍ଗ ଉପରେ ମତ ବିନିମୟ ପାଇଁ ବୈଦେଶିକ ମନ୍ତ୍ରଣାଳୟସ୍ତରୀୟ ବିଚାର ବିମର୍ଷ ମଧ୍ୟ ଏକ ସୁଯୋଗ ପ୍ରଦାନ କରିଥିଲା। ଏହି ଅଞ୍ଚଳରେ ଘନିଷ୍ଠ ସହଯୋଗର ଆବଶ୍ୟକତାକୁ ଉଲ୍ଲେଖ କରି ଉଭୟ ପକ୍ଷ ଏକ ମୁକ୍ତ, ଖୋଲା, ସମ୍ମିଳିତ ଏବଂ ସ୍ଥିର ଭାରତ-ପ୍ରଶାନ୍ତ ମହାସାଗର ଅଞ୍ଚଳର ଗୁରୁତ୍ୱକୁ ଦୋହରାଇଥିଲେ।  ଆଞ୍ଚଳିକ ଓ ବହୁପକ୍ଷୀୟ ମଞ୍ଚରେ ସମନ୍ୱୟକୁ ମଜବୁତ କରିବାର ଉପାୟ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା।

**ନୂଆଦିଲ୍ଲୀ**

**ଜୁନ 23, 2022**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.